# ଓସିଏଲ୍ ଇଣ୍ଡିଆର ନୂଆ ସିମେଂଟ୍ କାରଖାନା ପାଇଁ ବିପୁଳ ଜନ ସମର୍ଥନ

- ସ୍ଥାପିତ କାରଖାନାରେ ସଦ୍ୟତମ କ୍ଷମତା ସମ୍ପ୍ରସାରଣ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ପକ୍ଷରୁ କରାଯାଇଥିବା ଜନ ଶୁଣାଣୀରେ ସର୍ବସମ୍ମତ ସହମତି ହାସଲ
- ପୂର୍ବ ଭାରତରେ ଏବଂ ବାହାରେ ନିରନ୍ତର ବିକାଶ ଉଦ୍ୟମ ପାଇଁ ଜଣାଶୁଣା ଏହି କଂପାନି ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ଏବଂ ଏହି ନୂତନ ସମନ୍ୱିତ କାରଖାନା ଜରିଆରେ ସୁନ୍ଦରଗଡ଼ ଜିଲ୍ଲାରେ ଆନୁଷଂଗିକ ଜୀବନଜୀବିକା ସୁଯୋଗକୁ ଉନ୍ମୁକ୍ତ କରିବ

ରାଜଗାଙ୍ଗପୁର, ୨୦/୯(ଶ୍ରୁମି): ଡାଲମିଆ ସିମେଂଟ୍ ଭାରତ ଲିମିଟେଡ୍‌ର ପ୍ରମୁଖ ସହଯୋଗୀ କଂପାନି ଏବଂ ପୂର୍ବ ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ କଂପାନି ପକ୍ଷରୁ ଏହାର ସମନ୍ୱିତ କାରଖାନା ଅଂଚଳ ନିକଟରେ ପ୍ରତିଷ୍ଠା ହେବାକୁ ଥିବା ପ୍ରସ୍ତାବିତ ନୂଆ ସିମେଂଟ୍ କାରଖାନା ପାଇଁ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ସ୍ଥାନୀୟ ବାସିନ୍ଦାଙ୍କ ଜବରଦସ୍ତ ସମର୍ଥନ ହାସଲ କରିଛି। ଲୋକମାନଙ୍କ ଏହି ସହମତି କଂପାନିକୁ ଏହାର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଚୂଡ଼ାନ୍ତ ପରିବେଶ ମୁରି ହାସଲ କରିବାରେ ଆଉ ଟିକେ ନିକଟତର କରିଛି। କଂପାନି ଏକ ନୂଆ ୨.୨୫ ଏମଟିପିଏ ସିମେଂଟ୍ ଉତ୍ପାଦନ କାରଖାନା ଏବଂ ୩ ଏମଟିପିଏ କ୍ଲିଙ୍କର ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି। ଏହା ସହିତ କଂପାନିର ରାଜଗାଙ୍ଗପୁରରେ ସିମେଂଟ୍ ଉତ୍ପାଦନ କ୍ଷମତା ୬.୨୫ ଏମଟିପିଏ ଏବଂ କ୍ଲିଙ୍କର ଉତ୍ପାଦନ ୫.୯ ଏମଟିପିଏକୁ ବୃଦ୍ଧି ପାଇବ। ଓସିଏଲ୍ ଇଣ୍ଡିଆ ଯାହା ଓଡ଼ିଶାର ବିଭିନ୍ନ ଦୁର୍ଗମ ଅଂଚଳ ଏବଂ ସର୍ବୋପରି ପୂର୍ବାଚଂଳ ଓ ରାଜଗାଙ୍ଗପୁରର ପାରିପାର୍ଶ୍ୱିକ ବିକାଶ ପାଇଁ ଜଣାଶୁଣା, ତାହା ଏବେ ଏହି ସମ୍ପ୍ରସାରଣ ଜରିଆରେ କାରଖାନା ଅଂଚଳରେ ଏବଂ ଆଖପାଖରେ ପୁନଶ୍ଚ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ପ୍ରତିଶ୍ରୁତି ପ୍ରଦାନ କରିଛି। ଶ୍ରୀଯୁକ୍ତ ଗଣେଶ ଜିରକୁନ୍ତୱାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ-ମାନୁଫାକ୍‌ଚରିଂ, ଓସିଏଲ୍ ଇଣ୍ଡିଆ ଏବଂ ଡାଲମିଆ ସିମେଂଟ୍ ଇଷ୍ଟ ଲିମିଟେଡ୍ କହିଛନ୍ତି ଯେ, ଦେଶର ଅର୍ଥନୀତିରେ ସର୍ବୋପରି ଉନ୍ନତି ସହିତ ଆମେ ଭାରତର ଭିତିଭୂମିରେ ଉନ୍ନତି ହେବା ଦେଖିପାରୁଛୁ ଏବଂ ତେଣୁ ସିମେଂଟ୍ ଚାହିଦାରେ ବୃଦ୍ଧିର ସମ୍ଭାବନା ରହିଛି। ସେହି ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ଆମର ରାଜଗାଙ୍ଗପୁର କାରଖାନାରେ କ୍ଷମତା ସମ୍ପ୍ରସାରଣ କରିବାର ଯୋଜନା ଆମର ଏକ ଯତ୍ନଶୀଳ ପଦକ୍ଷେପ। ରାଜଗାଙ୍ଗପୁର ସ୍ଥାନୀୟ ଲୋକମାନଙ୍କ ନିରନ୍ତର ସମର୍ଥନ ପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରୁଛି।''

ଏହି ଜନ ଶୁଣାଣୀରେ ପାଖାପାଖି ୧୫୦୦ ଲୋକଙ୍କୁ ଦେଖିବାକୁ ମିଳିଥିଲା ଏବଂ ଶୁଣାଣୀର ତଦାରଖ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଚିହ୍ନଟ କରାଯାଇଥିବା ପ୍ରମୁଖ ଅତିଥି ଶ୍ରୀ ଭାସ୍କର ଚନ୍ଦ୍ର ତୁରୁକ୍, ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ, ଶ୍ରୀ ହେମେନ୍ଦ୍ର ନାଥ ନାଏକ, ଆଂଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସେମାନଙ୍କ ସାମ୍ନାରେ ସ୍ଥାନୀୟ ନେତୃବୃନ୍ଦ ଏହି ସମ୍ପ୍ରସାରଣ ଯୋଜନା ପାଇଁ ସହମତି ମାଗିଥିଲେ। ଲୋକମାନେ ବିଶ୍ୱାସ ପ୍ରକଟ କରିଥିଲେ ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସମସ୍ତ ମାନଦଣ୍ଡ ଏବଂ ନିରୀକ୍ଷଣ ବ୍ୟବସ୍ଥାକୁ କଂପାନି ପାଳନ କରିବା ସହିତ କାରଖାନାକୁ ପ୍ରଦୂଷଣ ମାନଦଣ୍ଡର ଅନୁମୋଦିତ ସୀମା ଭିତରେ ପରିଚାଳନା କରିବ। ଓସିଏଲ୍ ଇଣ୍ଡିଆ ଲିମିଟେଡ୍ ବିଗତ ବର୍ଷଗୁଡ଼ିକରେ ରାଜଗାଙ୍ଗପୁର ଏବଂ ଓଡ଼ିଶାର ଅନେକ ଅନ୍ୟ ଅଂଚଳର ବିକାଶ ପ୍ରତି ପ୍ରତିଶ୍ରୁତିବଦ୍ଧ। ଏହା ଅତୀତରେ ସ୍ଥାନୀୟ ଗୋଷ୍ଠୀଙ୍କ ପାଇଁ ବିପୁଳ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ବର୍ତମାନ କଂପାନି ରାଜଗାଙ୍ଗପୁରର ସ୍ଥାନୀୟ ଯୁବବର୍ଗଙ୍କ ନିଯୁକ୍ତି ହାସଲ କ୍ଷମତାରେ ଉନ୍ନତି ଆଣିବା ଦିଗରେ କାମ କରୁଛି ଏବଂ ଏହି ଅଂଚଳର ମହିଳମାନଙ୍କୁ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଏବଂ ଡାଲମିଆ ଭାରତ ଫାଉଣ୍ଡେସନ୍‌ର ରାଉରକେଲାରେ ଥିବା ଦକ୍ଷତା ବିକାଶ କେନ୍ଦ୍ର ସହଯୋଗରେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କ ଦକ୍ଷତା ବଢ଼ାଇ ସେମାନଙ୍କୁ ଆର୍ଥିକ ସ୍ତରରେ ସ୍ୱାଧୀନ କରୁଛି। ନିକଟରେ ଏହା ସ୍ଥାନୀୟ ଡାକ୍ତରଖାନାର ମାତୃ ଏବଂ ଶିଶୁ ଯତ୍ନ କେନ୍ଦ୍ରକୁ ଦୁଇ ଜଣ ପୂର୍ଣ୍ଣକାଳୀନ ଡାକ୍ତର- ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ ଏବଂ ଜଣେ ଶିଶୁ ରୋଗ ବିଶେଷଜ୍ଞ ପ୍ରଦାନ କରିଛି ଏବଂ ସ୍ଥାନୀୟ ମୁନିସପାଲିଟି ସମନ୍ୱୟରେ ଏକ ବଜାରର ନବୀକରଣ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓସିଏଲ୍ ଇଣ୍ଡିଆ ସୁନ୍ଦରଗଡ଼କୁ ଏକ ଅନ୍ଧତ୍ୱମୁକ୍ତ ଜିଲ୍ଲାରେ ପରିଣତ କରିବାର ଲକ୍ଷ୍ୟ ରଖିଛି ଏବଂ ଏହାର ପ୍ରଭାବ ସୁପର ସ୍ପେସିଆଲିଟି 'ଓସିଏଲ୍ ଆଇ ସେଂଟର'ରେ ପ୍ରତିଫଳିତ ହୋଇଛି। ବିଗତ ଦୁଇ ବର୍ଷରେ ୪୫,୦୦୦ରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୩୦୦୦ ରୋଗୀଙ୍କ ମାଗଣା ମୋତିଆବିନ୍ଦୁ ଅପରେସନ୍ କରାଯାଇଛି।



କଟକ ଚଣ୍ଡୀଙ୍କ ସିଦ୍ଧେଶ୍ୱରୀ ବେଶ



କଟକ ଏମ୍‌ଏସ୍ ଲ' କଲେଜରେ ଉତ୍ତେଜନା

# ମାସିକ ୧୫ଶହ ଟଙ୍କା ଭତ୍ତା ଦାବିରେ ଧାରଣା ଓ ସ୍ମାରକପତ୍ର ପ୍ରଦାନ

କଟକ, ୨୦/୯(ଶ୍ରୁମି): ନିକଟରେ ବିଧାୟକ ମାନଙ୍କ ମାସିକ ଭତ୍ତା ଏକ ଲକ୍ଷ ଟଙ୍କା କରିଥିବା ବେଳେ ଜେଲ୍‌ରେ ଥିବା କଏଦୀ ମାନଙ୍କ ପାଇଁ ଦୈନିକ ଖାଦ୍ୟ ଭତ୍ତା ୭୫ ଟଙ୍କା ଦିନକୁ କରାଯାଇଛି । ଏବେ ସପ୍ତମ ବେତନ କମିଶନ ସୁପାରିଶ ଲାଗୁ ହେତୁ କର୍ମଚାରୀଙ୍କ ଦରମା ଅନେକ ଗୁଣ ବଢିଯାଇଥିଲା ବେଳେ ଆମ ରାଜ୍ୟର ଅସହାୟ ବୃଦ୍ଧା / ବିଧବା / ଭିନ୍ନକ୍ଷମ ମାନଙ୍କ ମାସିକ ୩୦୦ ଟଙ୍କା ଅର୍ଥାତ ଦିନକୁ ୧୦ଟଙ୍କା ଭାବରେ ଭତ୍ତା ଦିଆଯିବା ଦୁର୍ଭାଗ୍ୟଜନକ କଥା । ଅନ୍ୟ ପକ୍ଷରେ ଆନ୍ଧ୍ର, ତେଲେଙ୍ଗାନାରେ ବୃଦ୍ଧ / ବିଧବା ମାସିକ ଏକ ହଜାର ଏବଂ ଭିନ୍ନକ୍ଷମ ମାନଙ୍କୁ ଦେଢ ହଜାର ଟଙ୍କା ରାଜସ୍ଥାନରେ ବୃଦ୍ଧ ମାନଙ୍କୁ ୧୨୫୦ ଟଙ୍କା ଥିବା ବେଳେ, ହରିୟାଣା, ତାମିଲନାଡୁରେ ସମସ୍ତଙ୍କ ପାଇଁ ଏକ ହଜାର ଟଙ୍କା ଭତ୍ତା ମିଳୁଥିବା ବେଳେ ଓଡ଼ିଶାରେ ମଧ ସର୍ବନିମ୍ନ ଏକ ହଜାର ଟଙ୍କା ଭତ୍ତା ବୃଦ୍ଧି ଦାବିରେ ଅଖିଳ ଓଡିଶା ବୃଦ୍ଧ, ବିଧବା, ଭିନ୍ନକ୍ଷମ ମହାସଂଘ ସଭାପତି ବୃନ୍ଦାବନ ଦାସ ଆଜାଦଙ୍କ ନେତୃତ୍ୱରେ ସହସ୍ରାଧିକ ସଂଖ୍ୟାରେ କର୍ମୀ ସି.ଏମ୍.ସି. ଅଫିସ୍ ସମ୍ମୁଖରେ ଧାରଣାରେ ବସିଥିଲେଓ। ପରେ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଏମସି କମିଶନରଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଓଡ଼ିଶାରେ ସର୍ବନିମ୍ନ ଭତ୍ତା ୧୦୦୦ ଟଙ୍କା କରାଯିବା, ୮୦ ବର୍ଷର ବୃଦ୍ଧ ଏବଂ ଭିନ୍ନକ୍ଷମଙ୍କୁ ୧୫୦୦ ଟଙ୍କା ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତାର ବୟସ ସୀମା ୫୫ ବର୍ଷ ରଖାଯାଉ ଏବଂ ବାର୍ଷିକ ଆୟର ସୀମା ୬୦ ହଜାର କରାଯିବା, ଅତିଶୟ ବୃଦ୍ଧ, ଭିନ୍ନକ୍ଷମ ଏବଂ ଅସୁସ୍ଥ ଭତ୍ତାଧାରୀଙ୍କୁ ଘରେ ଭତ୍ତା ଦେବାର ବ୍ୟବସ୍ଥା କରାଯିବା, ପ୍ରତି ଭତ୍ତା ବଣ୍ଟନ କେନ୍ଦ୍ରରେ ବୃଦ୍ଧ / ଭିନ୍ନକ୍ଷମଙ୍କ ପାଇଁ ଫାଷ୍ଟଏଡ୍ ରଖାଯାଉ ଏବଂ ଯେଉଁଠାରେ ବସିବାକୁ ଛାତ ନାହିଁ ସେଠାରେ ଛାମୁଣ୍ଡିଆ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯିବା, ବିଧବା / ବାର୍ଦ୍ଧକ୍ୟ / ଭିନ୍ନକ୍ଷମ ଭତ୍ତାଧାରୀଙ୍କୁ ମାଗଣା ସ୍ୱାସ୍ଥ୍ୟ ବୀମା କରାଯିବା, ଭତ୍ତା ଦିଆଯିବାର ଗାଇଡ୍ ଲାଇନ ନିୟମ ଅନୁଯାୟୀ ଭତ୍ତା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମେ ଭିନ୍ନକ୍ଷମ, ତା'ପରେ ବିଧବା ଏବଂ ତା'ପରେ ଯେ ପ୍ରଥମରେ ଆବେଦନ କରିଥିବ ସେ ପ୍ରଥମେ ପାଇବ ନଚେତ୍ ବୟସ ଯାହାର ଅଧିକଥିବ ସେ ଭତ୍ତା ପାଇବାରେ ପ୍ରାଥମିକତା ପାଇବ କିନ୍ତୁ ସାରା ରାଜ୍ୟରେ ଏ ନିୟମକୁ ପାଳନ କରାଯାଉନାହିଁ ବିଶେଷ କରି କଟକ ମହାନଗର ନିଗମ ଅଞ୍ଚଳରେ ବର୍ଷାଧିକ କାଳଧରି ଆବେଦନ କରିଥିବା ଅତି ବୟସ୍କ ହରିଜନ ଆଦିବାସି ଲୋକଙ୍କୁ ଭତ୍ତା ପ୍ରଦାନ କରାନଯାଇ ତାଙ୍କ ପରେ ଆବେଦନ କରିଥିବା ବହୁ ଲୋକଙ୍କୁ ପ୍ରାଥମିକତା ଦିଆଯାଇ ଭତ୍ତା କରାଯିବାର ବହୁ ଉଦାହରଣ ଥିବାରୁ ଏ ବିଷୟରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା, କୁଷ୍ଠ ରୋଗୀଙ୍କୁ ଭିନ୍ନକ୍ଷମ ବର୍ଗରୁ ବାଦ ଦିଆଯିବାରୁ ଓଡ଼ିଶାର ଦୁଇ ଲକ୍ଷରୁ ଉର୍ଦ୍ଧ କୁଷ୍ଠ ରୋଗୀ ଏଥିରୁ ବଞ୍ଚିତ ହେଲେ । ଏଣୁ ସମସ୍ତ କୁଷ୍ଠ ରୋଗୀଙ୍କୁ ଶତକଡ଼ା ୧୦୦ଭାଗ ଭିନ୍ନକ୍ଷମ ବୋଲି ଘୋଷଣା କରିବା, ସରକାରଙ୍କ ବହୁ ପ୍ରଚାରିତ ଭତ୍ତା ହିତାଧିକାରୀଙ୍କୁ ଛତା, ଯୋତା ଏବଂ କମ୍ବଳ ୨ ବର୍ଷ ହେଲା ଦିଆଯାଇନାହିଁ ଏବଂ ୮୦ ବର୍ଷୀୟ ଭତ୍ତାଧାରୀଙ୍କୁ ଦିଆଯାଉଥିବା ଟ୫୦୦ଙ୍କିଆ ଭତ୍ତାର କୋଟା ଆଉ ଆସିନାହିଁ, ଏ ବିଷୟରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଦାବି କରାଯାଇଛି ।

# ସୂଚନା ଓ ଲୋକ ସଂପର୍କ ନିର୍ଦ୍ଦେଶକଙ୍କ ପଢିହାରୀ ପାଠାଗାର ପରିଦର୍ଶନ

କଟକ, ୨୦/୯(ଶ୍ରୁମି): ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ଆଜି କଟକର ଗୌରୀ ଶଙ୍କର ପାର୍କ ନିକଟରେ ଥିବା ପଢିହାରୀ ପାଠାଗାର ଓ ସୂଚନା କେନ୍ଦ୍ର ପରିଦର୍ଶନ କରିଛନ୍ତି । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ପରିଚାଳିତ ୧୯୫୮ ମସିହାରୁ ସ୍ଥାପିତ ଏହି ପାଠାଗାର ଏହାର ପାଠକପାଠିକାମାନଙ୍କୁ ସଂବାଦ ପତ୍ର, ପତ୍ରିକା ଏବଂ ପୁସ୍ତକ ପଠନ ସାଙ୍ଗକୁ ନିୟମିତ ଡାକବାଜି ଯନ୍ତ୍ର ଯୋଗେ ସଂବାଦ ସୂଚନା ପ୍ରଦାନ କରିଆସୁଥିବା ବେଳେ ଖୁବ୍ ଶିଘ୍ର ଏଠାରେ ଇ-ଲାଇବ୍ରେରୀ ବ୍ୟବସ୍ଥା କରିବାକୁ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି । ଏ ନେଇ ପରିଦର୍ଶନ ସମୟରେ ଉପସ୍ଥିତ ଥିବା କଟକ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତ ରାୟ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମୀନକେତନ ବେହେରା ଏବଂ ପାଠାଗାରର ସହକାରୀ ସୂଚନା ଅଧିକାରୀ ପଠାଣି ରାଉତଙ୍କ ସହ ଆଲୋଚନା କରିଛନ୍ତି । ପାଠାଗାରରେ ଇ-ଲାଇବ୍ରେରୀର ସୁବିଧା ଫଳରେ ଏଠାରେ ଇଣ୍ଟରନେଟ୍ ସୁବିଧା ସହିତ ପାଠାଗାରକୁ ଆସୁଥିବା ୨୫ ପ୍ରକାରର ସଂବାଦ ପତ୍ର ବ୍ୟତୀତ ପାଠକପାଠିକାମାନେ ଇ-ନ୍ୟୁଜ୍‌ପେପର ପାଠ କରିବା ଏବଂ ଅତ୍ୟାବଶ୍ୟକୀୟ ସୂଚନା ମାଗଣାରେ ଡାଉନ୍‌ଲୋଡ୍ କରିବାର ସୁଯୋଗ ପାଇବେ । ପରିଦର୍ଶନ ସମୟରେ ବିଭାଗୀୟ ନିର୍ଦ୍ଦେଶକ ପାଠାଗାରରେ ଶୀତତାପ ନିୟନ୍ତ୍ରକ ବ୍ୟବସ୍ଥା କରାଯିବା, ପାଠାଗାର ଛାତ ଉପରକୁ ଯିବା ସକାଶେ ସବୁ ଦିନିଆ ପାହାଚ ( ସିଡି) ନିର୍ମାଣ କାର୍ଯକୁ ତ୍ୱରାନିତ କରାଯିବା ନେଇ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ । ତତ୍ ସହିତ ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ପରିଚାଳିତ ପାଠାଗାରଗୁଡିକୁ ଅଧିକ ସୁଦୃଢ଼ୀକରଣ ଓ କ୍ରିୟାଶୀଳ କରାଯିବା ପରିପ୍ରେକ୍ଷୀରେ ସେ ସମସ୍ତ ପାଠାଗାରରେ ଥିବା ଟିଭି ସେଟ୍ ଗୁଡିକୁ ଡିଜିଟାଲ କେବୁଲ୍ ସଂଯୋଗ କରାଯିବା, ପାଠାଗାରଗୁଡିକର ଆର୍ଥିକ ଅନୁଦାନ ବୃଦ୍ଧି କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ । ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧରେ କଟକ ସହର ତଥା ସଦର ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଶୁତୋଷ ପାଇକରାୟ, ପାଠାଗାରର ଗ୍ରନ୍ଥାଗାରିକ ଅଭିରାମ ଦାସ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିଧାୟକ ପ୍ରଭାତଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ

କଟକ, ୨୦/୯(ଶ୍ରୁମି): ରାଜନୈତିକ ଆକ୍ରୋଶ ରଖି ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳଙ୍କୁ ସିବିଆଇ ଦ୍ୱାରା ଗିରଫ କରାଯିବା ପ୍ରତିବାଦରେ ଜଗତପୁର ଗୋଲେଇ ଛକ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ୪୮ ଓ ୪୯ ନଂ ୱାର୍ଡ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଦଳୀୟ କର୍ମୀମାନେ ବିଭିନ୍ନ ପ୍ରକାର ନାରା ଦେବା ସହ ବିଧାୟକ ଶ୍ରୀ ବିଶ୍ୱାଳଙ୍କୁ ମୁକ୍ତ କରିବା ପାଇଁ ଦାବି କରିଥିଲେ । ୪୯ ନଂ ୱାର୍ଡ ପୂର୍ବତନ କର୍ପୋରେଟର ତଥା ବିଜଦ ୱାର୍ଡ ସଭାପତି ନବକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଏହି ବିକ୍ଷୋଭରେ କର୍ପୋରେଟର ଦୟାନିଧି ନାୟକ, ସୁବାସ ରାଉତ, ମାଧବାନନ୍ଦ ବିଶ୍ୱାଳ, କଳ୍ପନା ଜେନା, ଶରତ ମହାନ୍ତି, ବିଜୟ ସ୍ୱାଇଁ, ତ୍ରିଲୋଚନ ପଣ୍ଡା, ବିଶ୍ୱଜିତ ମହାନ୍ତି, ନିର୍ମଳ ପ୍ରଧାନ, ସୁବାସ ବେହେରା, ଅଶୋକ ମହାନ୍ତି, ଅଶୋକ ମିଶ୍ର, ଦେବାନନ୍ଦ ବେହେରା, ଅଜୟ ଜେନା, ନିତ୍ୟାନନ୍ଦ ସ୍ୱାଇଁ, ବୈକୁଣ୍ଠ ସାହାଣୀ, ତାପସ ମହାନ୍ତି ଓ ବାବୁଲି ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ସ୍ୱଚ୍ଛପଟଳ ପ୍ରତ୍ୟାରୋପଣରେ ଅଗ୍ରୱାଲା ଚକ୍ଷୁ ହସ୍ପିଟାଲ ସଫଳ

କଟକ, ୨୦/୯(ଶ୍ରୁମି): ଚକ୍ଷୁ ଚିକିତ୍ସା, ରୋଗ ନିରୂପଣ ଓ ଚକ୍ଷୁ ପ୍ରତ୍ୟାରୋପଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଲିଙ୍କରୋଡସ୍ଥିତ ଅଗ୍ରୱାଲା ହସ୍ପିଟାଲ ଜଣେ ରୋଗୀଙ୍କର ଚକ୍ଷୁ ପ୍ରତ୍ୟାରୋପଣ କରିବାରେ ସଫଳ ହୋଇଛି । ଯାହାକି ସମଗ୍ର ରାଜ୍ୟରେ ପ୍ରଥମ ବୋଲି ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ନବରନ୍ ଧନୁକା ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ଚକ୍ଷୁ ବିଶେଷଜ୍ଞ ଐଶ୍ୱର୍ଯ୍ୟା ଦାସ କହିଛନ୍ତି ଯେ, ଚକ୍ଷୁର ଉପର ପାର୍ଶ୍ୱରେ ଥିବା ୫ଟି ଲେୟାର ମଧ୍ୟରୁ ଗୋଟିଏ ଲେୟାର ବି କାର୍ଯ୍ୟକ୍ଷମ ନ ହେଲେ ଦୃଷ୍ଟିଶକ୍ତି କମିଯାଇଥାଏ । ୩ ବର୍ଷ ପୂର୍ବେ ଚିକିତ୍ସିତ ହୋଇଥିବା ପୁରୀ ଜିଲ୍ଲା ନିବାସୀ ସସ୍ମିତା ସାହୁଙ୍କର ଆଖିରେ କୌଣସି ଆଘାତ କାରଣରୁ ସଂକ୍ରମିତ ହେବା ଓ ଜଳ ଜଳକା ଦେଖାଯିବା ପରେ ଏହି ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଡା. ଐଶ୍ୱର୍ଯ୍ୟାଙ୍କ ସହିତ ମୁଖ୍ୟ ଡା. ଧନୁକାଙ୍କ ସଫଳ ଅସ୍ତ୍ରୋପଚାର ପରେ ସସ୍ମିତା ଏବେ ସୁସ୍ଥ ହେବା ସହ ସବୁ କିଛି ଦେଖି ପାରୁଛନ୍ତି ।

# କେନ୍ଦ୍ରୀୟ ହାରରେ ଆୟୁଷ ଡାକ୍ତରଙ୍କୁ ଦରମା ଦେବା ଦାବିରେ ରାଜଧାନୀରେ ଧାରଣା

ଭୁବନେଶ୍ୱର, ୨୦ ସେପ୍ଟେମ୍ବର (ହି.ସ) – କେନ୍ଦ୍ରୀୟ ହାରରେ ଦରମା ଦେବା ଏବଂ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିବା ଆୟୁଷ ଡାକ୍ତର ମାନଙ୍କୁ ସ୍ଥାୟୀ କରିବା ଦାବିରେ ଓଡ଼ିଶା ଆୟୁଷ ଡାକ୍ତର ସଂଘ ପକ୍ଷରୁ ରାଜଧାନୀରେ ଆରମ୍ଭ ହୋଇଥିବା ଧାରଣା ୩ ଦିନରେ ପହଂଚିଛି । ସରକାରଙ୍କ ପକ୍ଷରୁ ଏହି ଦାବି ଉପରେ କୌଣସି ପଦକ୍ଷେପ ନିଆନଯିବା ଏବଂ ଆଗ୍ରହ ପ୍ରକାଶ କରାନଯିବା ଉପରେ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କେନ୍ଦ୍ର ସରକାର ଆୟୁଷ ଡାକ୍ତର ମାନଙ୍କୁ ମାସିକ ବେତନ ୨୩ ହଜାର ଟଙ୍କା ବୃଦ୍ଧି କରିଥିଲା ବେଳେ ରାଜ୍ୟ ସରକାର ୧୮ ହଜାର ଟଙ୍କା ଦେଉଛନ୍ତି । ଯାହା ଫଳରେ ୫ ହଜାର ଟଙ୍କା ପ୍ରତି ମାସରେ ସମ୍ପୃକ୍ତ ଡାକ୍ତରମାନେ କ୍ଷତି ସହୁଛନ୍ତି । ବର୍ଦ୍ଧିତ ହାରରେ ଦରମା ଦେବାପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦେଇଛନ୍ତି । ବର୍ତମାନ ରାଜ୍ୟରେ ୧ ହଜାରରୁ ଉର୍ଦ୍ଧ୍ୱ ଆୟୁଷ ଡାକ୍ତର କାର୍ଯ୍ୟରତ ଅଛନ୍ତି । ଏମାନେ ସମସ୍ତେ ପିଏଚସି ଏବଂ ସିଏଚସିରେ କାମ କରୁଛନ୍ତି । ଅଧିକାଂଶ ପିଏଚସି ଏବଂ ସିଏଚସିରେ ଏଲୋପାଥି ଡାକ୍ତର ନାହାନ୍ତି, ଏମାନେ ସବୁ କାର୍ଯ୍ୟ କରୁଛନ୍ତି । ଏନଏଚଆରଏମ ର କର୍ତୃପକ୍ଷ ପ୍ରଥମ ଦିନ ଆସି ୬ ଘଂଟା ମଧ୍ୟରେ ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଆସିଲେ ନାହିଁ । ୩ ଦିନ ବିତିଗଲାଣି । ସରକାର ବା ବିଭାଗର କୌଣସି ଅଧିକାରୀଙ୍କର ଦେଖା ନାହିଁ । ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇନାହିଁ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# ବିଏମ୍‌ସିର ନୂତନ କାର୍ଯ୍ୟାଳୟ ଜାନୁୟାରୀ ମାସରୁ ଆରମ୍ଭ

ଭୁବନେଶ୍ୱର, ୨୦ ସେପ୍ଟେମ୍ବର (ହି.ସ) – ବିଏମ୍‌ସିର ନୂତନ କାର୍ଯ୍ୟାଳୟ ଜନପଥରେ ନିର୍ମାଣ କରାଯିବ । ଜାନୁୟାରୀ ମାସରୁ ଏହାର କାର୍ଯ୍ୟ ଆରମ୍ଭ ହେବ । ଏହା ୧୨ ମହଲା ବିଶିଷ୍ଟ ଅଟ୍ଟାଳିକା ହେବ । ଅଢ଼େଇ ବର୍ଷ ଭିତରେ ଏହି କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି ।

# ଭୂପିନ୍ଦର ସିଂ ହେଲେ ରାଜ୍ୟ ହାଉସିଂ ବୋର୍ଡ଼ର ଅଧ୍ୟକ୍ଷ

ଭୁବନେଶ୍ୱର, ୨୦ ସେପ୍ଟେମ୍ବର (ହି.ସ) – ବିଜେଡ଼ିର ପୂର୍ବତନ ସାଂସଦ ଭୂପିନ୍ଦର ସିଂଙ୍କୁ ରାଜ୍ୟ ହାଉସିଂ ବୋର୍ଡ଼ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିବା ପରେ ଏହି ନିଯୁକ୍ତି ଦିଆଯାଇଛି । ଶ୍ରୀ ସିଂଙ୍କୁ କ୍ୟାବିନେଟ ଷ୍ଟାଟସ ମଧ ଦିଆଯାଇଛି । ଏହା ବ୍ୟତୀତ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ଯୋଜନା ବୋର୍ଡ଼ର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି । ତାଙ୍କୁ ମଧ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ଦିଆଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀ ଉପରେ ମଧ ଭୂମିକମ୍ପର...

ହିମାଳୟ କ୍ଷେତ୍ର ଅଛି ଯାହାକି ପୃଥିବୀର ସର୍ବାଧିକ ଭୂକମ୍ପ ସଂଗଠିତ ହେଉଥିବା ଅଞ୍ଚଳ ମଧରେ ଅସିଥାଏ । ଏହି ରିପୋର୍ଟ ଅନୁସାରେ ଦିଲ୍ଲୀ, ପାଟନା, ଶ୍ରୀ ନଗର, କୋହିମା, ପୁଡୁଚେରୀ, ଗୌହାଟୀ, ଗ୍ୟାଙ୍ଗଟକ, ଶିମଲା, ଦେହରାଦୁନ, ଇମ୍ଫାଲ ଏବଂ ଚଣ୍ଡୀଗଡ ଭୂମିକମ୍ପ କ୍ଷେତ୍ର ୪ଏବଂ ୫ ଅଧିନରେ ଅସୁଛି । ଏହି ସମସ୍ତ ଶହରରେ ଜନସଂଖ୍ୟା ୩କୋଟିରୁ ଅଧିକ ଅଟେ । ଭୂମିକମ୍ପର ସଠିକ ପୂର୍ବାନୁମାନ ଲଗାଯାଇପାରେ ନାହିଁ । ମାତ୍ର ଏହାଠାରୁ ବଞ୍ଚିବା ପାଇଁ ରାସ୍ତା ବାହାର କରାଯାଇପାରେ ।

### ପ୍ରଭାତଙ୍କୁ ସିବିଆଇର...

ପୋଲିସ୍ ସେମାନଙ୍କୁ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା । ବିକ୍ଷୋଭକାରୀ ମାନେ ପ୍ରଧାନମନ୍ତ୍ରୀ ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଫଟୋଚିତ୍ର ଦାହ କରିଥିଲେ । ସିବିଆଇ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତା ଅଭିଭାଷଣ ଦେଇଥିଲେ । ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ରାସ୍ତାରେ ୧୪୪ ଧାରା ଜାରୀ କରାଯାଇଛି ।

### ଶ୍ରୀମନ୍ଦିରକୁ ସ୍ମାର୍ଟ ଫୋନ..

କିପ୍ୟାଡ ଫୋନ ବ୍ୟବାହାର କରାଯାଇ ପାରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ମୋବାଇଲ ଉପରେ କଟକଣା ଜାରି ନେଇ ଛତିଶା ନିଯୋଗ ବୈଠକରେ ପ୍ରବଳ ଯୁକ୍ତି ତର୍କ ହୋଇଥିଲା । ଆଗାମୀ ବୈଠକରେ ଏନେଇ ପୂର୍ଣ୍ଣ ଆଲୋଚନା ହେବ ବୋଲି ଜଣା ପଡିଛି ।

### ଫେଲ ମାରିବ ଖରିଫ...

ବେଳେ ଗ୍ରାଉଣ୍ଡ ଜିରୋକୁ ଯାଇ ପ୍ରକୃତ ହିତାଧୀକାରୀ ଚିହ୍ନଟ କରି ଋଣ ଦେଉଥିବା କର୍ମଚାରୀ ମାନେ ଧାରଣାରେ । ରାଜ୍ୟର ୨୭୦୯ ଲ୍ୟାମ୍ପ୍ସ ଓ ପ୍ରାଥମିକ ସମବାୟ ସଂସ୍ଥାର କର୍ମଚାରୀମାନେ କଲମଛାଡ ଆନ୍ଦୋଳନ ସହ ବିଧାନସଭା ସମ୍ମୁଖରେ ଓ ଜିଲ୍ଲା ମୁଖ୍ୟାଳୟମାନଙ୍କରେ ଦୀର୍ଘ ୧୦ ଦିନ ଧରି ଧାରଣା ଦେଇଥିବାରୁ କାମ ସମ୍ପୁର୍ଣ୍ଣ ଠପ ହୋଇଯାଇଛି । ସମ୍ପୁର୍ଣ୍ଣ ସରକାରୀ ମାନ୍ୟତା ଦାବିରେ ସମବାୟ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି । ଏହି ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀ ସୁର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ ସେମାନଙ୍କ ଦାବି ପୂରଣ କରିବା ସମ୍ଭବ ନୁହେଁ । ଏଥିପାଇଁ ଆଇନ ଆଣିବାକୁ ପଡିବ । ତେବେ ନିୟମ ହେବ କେବେ ଓ କର୍ମଚାରୀମାନେ ଆନ୍ଦୋଳନରୁ ଓହରି ଚାଷୀକୁ ଋଣ ସାହାଯ୍ୟ ଯୋଗାଇଦେବେ ସେ ନେଇ ସନ୍ଦେହ ସୃଷ୍ଟି ହେଉଛି ।

### ସିବିଆଇ ଟିମ ବିରୋଧରେ...

ବୋଲି ଭାବି ସିବିଆଇ ଟିମ ସେଠାରେ ପହଂଚିଥିଲା । ଘଟଣା ସମ୍ପର୍କରେ ସୂଚନା ଦେଇ ଆଜି ରାତି ୮ ଟା ୧୫ ମିନିଟ ସମୟରେ ପୋଲିସ କମିଶନର ୱାଇବି ଖୁରାନିଆ ଗଣମାଧ୍ୟମକୁ କହିଛନ୍ତି ଯେ ଗତକାଲି ରାତି ପ୍ରାୟ ୧ଟା ୩୦ ରୁ ୨ ଟା ମଧ୍ୟରେ ୪/୫ ଜଣ ଲୋକ ଏକ ଗାଡି ରେ ଆସି ଉପରୋକ୍ତ କ୍ୱାର୍ଟର ପାଖରେ କହଂଚିଥିଲେ । ସେମାନେ ନିଜକୁ ସିବିଆଇ ଟିମ ବୋଲି ପରିଚୟ ଦେଇ ଏଠାରେ କିଏ ରହୁଛନ୍ତି ବୋଲି ସୁରକ୍ଷାକର୍ମୀ କୁ ପଚାରିଥିଲେ । ସେ କ୍ୱାର୍ଟର ରେ ଲାଗିଥିବା ନାମଫଳକ ରୁ ନାମ ପଢିବାକୁ କହିବାପରେ ସେମାନେ ସର୍ଚ୍ଚ ୱାରେଂଟ ଆଣିଥିବାର କହି ଭିତରକୁ ଯିବାକୁ ଚାହିଁଥିଲେ । ଏହି ସମୟରେ ଅନ୍ୟଜଣେ ସୁରକ୍ଷା କର୍ମୀ ସେଠାରେ ପହଂଚିଥିଲେ । ଉଭୟ ସେମାନଙ୍କୁ ଭିତରକୁ ଛାଡି ନ ଥିଲେ । ଇତିମଧ୍ୟରେ କ୍ୟାଂଟମେଂଟ ଥାନାର ପିସିଆର ଭ୍ୟାନ ସେଠାରେ ପହଂଚି ଘଟଣାରେ ହସ୍ତକ୍ଷେପ କରିବା ସହ ଭିତରକୁ ଯିବାକୁ ବାରଣ କରି ସେମାନଙ୍କୁ ପ୍ରଥମେ କ୍ୟାଂଟନମେଂଟ ଥାନାକୁ ଯିବାକୁ ପିସିଆର ପୋଲିସ କହିଥିଲେ । ତାପରେ ସେମାନେ ଥାନାକୁ ଯାଇଥିଲେ । ସେଠାରେ ଡିସିଓ ଙ୍କୁ ସେମାନେ ଭେଟିଥିଲେ । ତେବେ ସେମାନେ କ୍ୱାର୍ଟରରେ ଥିବା ସୁରକ୍ଷାକର୍ମୀ କିମ୍ବା ଥାନା ଡିସିଓ ଙ୍କୁ ସର୍ଚ୍ଚ ୱାରେଂଟ ଦେଖାଇ ପାରି ନ ଥିଲେ । ସେମାନଙ୍କ ପରିଚୟ ମଧ୍ୟ ପଚରାଯାଇଥିଲା । ମାତ୍ର ସେମାନେ ପରିଚୟ ନ ଦେଇ କେବଳ ସିବିଆଇ ଟିମ ବୋଲି କହିବା ସହ ସିବିଆଇ ଏସପି ଙ୍କ ସହ କଥା ହେବାକୁ ପୋଲିସ କୁ କହିଥିଲେ । ତେଣୁ ଏପରି ଅନିୟମିତତା ଏବଂ ବେଆଇନ କାର୍ଯ୍ୟ ବିରୋଧରେ ସୁରକ୍ଷାକର୍ମୀ ଙ୍କ ଏତଲା ଆଧାରରେ କ୍ୟାଂଟନମେଂଟ ଥାନା ରେ ଆଇପିସି ର ୪୪୮/୩୫୩/୫୧୧/୩୪ ଦଫାରେ ଇନିସପେକ୍ଟର ପିକେ ମିଶ୍ର ଏବଂ ଅନ୍ୟମାନଙ୍କ ବିରୋଧରେ ୭୬/୨୦୧୭ ନମ୍ବର ମକଦ୍ଦମା ରୁଜୁ କରାଯାଇଛି । ଥାନା ଆଇଆଇସି ବିଶ୍ୱଜିତ ମହାନ୍ତି ମାମଲାର ତଦନ୍ତ କରୁଛନ୍ତି । କମିଶନରେଟ ପୋଲିସ ଏହି ଘଟଣାକୁ ଗମ୍ଭୀରତା ର ସହ ଗ୍ରହଣ କରିଛି ବୋଲି ପୋଲିସ କମିଶନର ୱାଇବି ଖୁରାନିଆ ସୂଚନା ଦେଇଛନ୍ତି ।

## ଇଜ୍ ଅଫ୍ ଡୁଇଗଂ ବିଜନେସ୍ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ଅକ୍ଟୋବର ୧୦ ସୁଦ୍ଧା ବାକି ଥିବା ସବୁ ସଂସ୍କାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦/୯(ଶ୍ରୁମି): ରାଜ୍ୟରେ ଶିଳ୍ପ ବିକାଶ ତଥା ନିଯୁକ୍ତି ସୁଯୋଗର ସଂପ୍ରସାରଣ ଉପରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି । ରାଜ୍ୟରେ ପୁଂଜି ନିବେଶ ପାଇଁ ଆଗ୍ରହୀ ଥିବା ଶିଳ୍ପଗୋଷ୍ଠୀ ଯେପରି ସୁବିଧାରେ ବ୍ୟବସାୟ ଆରମ୍ଭ କରିପାରିବେ ,ସେଥିପାଇଁ ରାଜ୍ୟ ସରକାର ଅନେକ ଢାଂଚାଗତ ସଂସ୍କାର ଆଣିଛନ୍ତି । ଏଦିଗରେ ବର୍ତମାନ ଅନେକ ସଂସ୍କାର କାର୍ଯ୍ୟକାରୀ କରାଯାଇଥିବା ବେଳେ ଆଉ କିଛି ବାକି ରହିଛି । ତେଣୁ ଆଗାମୀ ଅକ୍ଟୋବର ୧୦ ତାରିଖ ସୁଦ୍ଧା ବାକି ଥିବା ସମସ୍ତ ସଂସ୍କାର କାର୍ଯ୍ୟକ୍ରମକୁ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ବୁଧବାର ଦିନ ସଚିବାଳୟ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ବ୍ୟବସାୟ ପାଇଁ ସରଳ ବ୍ୟବସ୍ଥା କାର୍ଯ୍ୟକ୍ରମର ଅଗ୍ରଗତ ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ହୋଇଥିବା ପୁଂଜିନିବେଶକାରୀ ସମ୍ମିଳନୀରେ ମିଳିଥିବା ୧୨୪ ଟି ପ୍ରସ୍ତାବ ମଧ୍ୟରୁ ୭୫ ଟି ସଂସ୍ଥା ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଦୃଢ଼ ଆଗ୍ରହ ପ୍ରକାଶ କରିଛନ୍ତି । ତେଣୁ ଏହି ପୁଂଜିନିବେଶ ପ୍ରସ୍ତାବ ଗୁଡିକୁ ସଫଳ ଭାବରେ ଏବଂ ଶୀଘ୍ରକାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେହିପରି ସିଙ୍ଗଲ ୱିଣ୍ଡୋ ପୋର୍ଟାଲ ଯେହେତୁ ହାସେଲ ଫ୍ରି ଫ୍ୟାସିଲେସନ୍ ସପୋର୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ , ତେଣୁ ଏହି କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବ୍ୟବସାୟ ପାଇଁ ସରଳ ବ୍ୟବସ୍ଥା କ୍ଷେତ୍ରରେ ଓଡିଶା ଚଳିତ ବର୍ଷ ଯେପରି ଆଗୁଆରାଜ୍ୟ ହୋଇପାରିବ , ତାକୁ ଦୃଷ୍ଟିରେ ରଖି ପ୍ରାଥମିକତା ଭିତିରେ ବ୍ୟବସାୟ ପାଇଁ ସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟଯେ ରାଜ୍ୟ ସରକାରଙ୍କର ଅର୍ଥ , ଶକ୍ତି , ଶ୍ରମ, ଜଙ୍ଗଲ ଓ ପରିବେଶ , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ , ଗୃହ ନିର୍ମାଣ ଓ ନଗର ଉନ୍ନୟନ ଶିଳ୍ପ , ଆଇନ୍ , ଖାଦ୍ୟ ଯୋଗାଣ , ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମେତ ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ନିୟମାବଳୀର ସଂସ୍କାର ପାଇଁ ପଦକ୍ଷେପ ନିଆଯାଇଛି । ସେହିପରି ସିଙ୍ଗଲ ୱିଣ୍ଡୋ ପୋର୍ଟାଲ କାମ ଜାରୀ ରହିଛି ଏବଂ ଏଥିରେ ଅନ୍ ଲାଇନ୍ ଜରିଆରେ ବିଭିନ୍ନ ବିଭାଗର ୩୪ ପ୍ରକାର ଅନୁମୋଦନ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଉକ୍ତ ବୈଠକରୁ ଜଣାପଡିଛି । ଏହି ସମୀକ୍ଷା ବୈଠକରେ ଶିଳ୍ପମନ୍ତ୍ରୀ ଶ୍ରୀ ନିରଂଜନ ପୂଜାରୀ , ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢୀ , ଉନ୍ନୟନ କମିଶନର ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ,ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ ।